ଭାରତ-କାନାଡା ପ୍ରବାସନ ଓ ଗତିଶୀଳତା ଆଲୋଚନାର ଉଦଘାଟନୀ ବୈଠକ

ଭାରତ ଏବଂ କାନାଡା ଆଜି ନୂଆଦିଲ୍ଲୀ ଠାରେ ଭାରତ-କାନାଡା ପ୍ରବାସନ ଓ ଗତିଶୀଳତା ଆଲୋଚନାର ଉଦଘାଟନୀ ବୈଠକ ଆୟୋଜନ କରିଥିଲେ। ଏହି ବୈଠକରେ ବିଦେଶ ମନ୍ତ୍ରଣାଳୟର ସଚିବ (ସିପିଭି ଆଣ୍ଡ ଓଆଇଏ) ସୁଶ୍ରୀ ଶ୍ରୀପ୍ରିୟା ରଙ୍ଗନାଥନ୍ ଏବଂ ଇମିଗ୍ରେସନ୍, ରିଫ୍ୟୁଜିଜ୍ ଆଣ୍ଡ ସିଟିଜେନସିପ୍ କାନାଡା (ଆଇଆରସିସି) ର ଉପ-ମନ୍ତ୍ରୀ ଶ୍ରୀ ଟେଡ୍ ଗ୍ୟାଲିଭାନ୍ ମିଳିତ ଭାବେ ଅଧ୍ୟକ୍ଷତା କରିଥିଲେ। ଉଭୟ ପ୍ରତିନିଧି ଦଳରେ ଉଭୟ ସରକାରଙ୍କ ପ୍ରାସଙ୍ଗିକ ମନ୍ତ୍ରଣାଳୟ ଏବଂ ଏଜେନ୍ସିଗୁଡ଼ିକର ଅଧିକାରୀମାନେ ଅନ୍ତର୍ଭୁକ୍ତ ଥିଲେ।

2. ଉଭୟ ପକ୍ଷ ଆଲୋଚନା ପାଇଁ ଟର୍ମ୍ସ ଅଫ୍ ରେଫରେନ୍ସରେ ସ୍ୱାକ୍ଷର କରିଥିଲେ ଓ ଭାରତ ଏବଂ କାନାଡା ମଧ୍ୟରେ ଜନସାଧାରଣ ହିଁ ସବୁଠାରୁ ଶକ୍ତିଶାଳୀ ସେତୁ ବୋଲି ସେମାନଙ୍କର ଥିବା ମିଳିତ ବିଶ୍ୱାସକୁ ପୁନଃପୁଷ୍ଟି କରିଥିଲେ। ଭାରତର ଯୁବ ଓ ଦକ୍ଷ କର୍ମଜୀବୀ ଏବଂ କାନାଡାର ଜନସଂଖ୍ୟାଗତ ସ୍ଥିତି ଓ ଶ୍ରମ ବଜାରର ଧାରା ମଧ୍ୟରେ ସ୍ୱାଭାବିକ ସମନ୍ୱୟ ରହିଛି, ଏହି କାରଣରୁ ଶ୍ରମଶକ୍ତିର ସୁପରିଚାଳିତ ଆଦାନପ୍ରଦାନ ଏବେ ସମୟର ଆବଶ୍ୟକତା ହୋଇଛି। ଏହି ଆଲୋଚନା ବାର୍ଷିକ ଭାବରେ ଆୟୋଜିତ ହେବ ଏବଂ ପ୍ରବାସନ ଓ ଗତିଶୀଳତା ଉପରେ ଏକ ମିଳିତ କାର୍ଯ୍ୟକାରୀ ଗୋଷ୍ଠୀ ଦ୍ୱାରା ସମର୍ଥିତ ହେବ।

3. ଏହି ଆଲୋଚନାରେ ଛାତ୍ରଛାତ୍ରୀ, ଦକ୍ଷ କର୍ମଚାରୀ, ପେସାଦାର ଏବଂ ବ୍ୟବସାୟିକ ପର୍ଯ୍ୟଟକଙ୍କ ଗତିଶୀଳତା ସହିତ ପ୍ରବାସନ ପରିଚାଳନା କ୍ଷେତ୍ରରେ ସହଯୋଗ ଉପରେ ଗୁରୁତ୍ୱ ଦିଆଯାଇଥିଲା।

4. ଉଭୟ ପକ୍ଷ ପାରସ୍ପରିକ ସୁବିଧାଜନକ ତାରିଖରେ କାନାଡାରେ ଆଲୋଚନାର ପରବର୍ତ୍ତୀ ବୈଠକ ଆୟୋଜନ କରିବା ପାଇଁ ସହମତ ହୋଇଥିଲେ।

ନୂଆଦିଲ୍ଲୀ

ଅକ୍ଟୋବର 26, 2026